ପ୍ରେମାସ୍ପଦା

ଯତୀନ୍ଦ୍ର ମୋହନ ମହାନ୍ତି

ସୁବର୍ଣ୍ଣରେଖା

Digitized by srujanika@gmail.com

ପ୍ରେମାସ୍ପଦା

(ଉପନ୍ୟାସ)

ଲେଖକ :
ଯତୀନ୍ଦ୍ର ମୋହନ ମହାନ୍ତି

ପ୍ରକାଶକ :
ସୁବର୍ଣ୍ଣରେଖା
କଟକ ରୋଡ, ଲକ୍ଷ୍ମୀସାଗର ଛକ
ଭୁବନେଶ୍ୱର - ୭୫୧୦୦୬

ଅକ୍ଷର ସଜ୍ଜା :
ନେକ୍ସସ ସାଇବର ଷ୍ଟପ

ମୁଦ୍ରଣ :
ପ୍ରିଣ୍ଟଟେକ୍ ଅଫ୍‌ସେଟ୍
ଭୁବନେଶ୍ୱର

ପ୍ରଚ୍ଛଦ :
ଅସୀମ ବସୁ

ପ୍ରଥମ ମୁଦ୍ରଣ : ୨୦୦୨

ମୂଲ୍ୟ : ଟ. ୬୦.୦୦

ISBN 81-87467-12-6

PREMASPADA
(A Novel)

Author :
JATINDRA MOHAN MOHANTY

Publisher :
SUBARNAREKHA
Cuttack Road,
Laxmisagar Chhack
Bhubaneswar - 751006

D.T.P. :
Nexus Cyber Stop

Printing :
Print Tech Offset
Bhubaneswar

First Edition : 2002

Price : Rs. 60.00

Digitized by srujanika@gmail.com

ଉତ୍ସର୍ଗ

ଯେଉଁ ଅନୁଷ୍ଠାନର ପରିବେଶ ଓ ଛାୟାରେ ଜୀବନର ୧୬ ବର୍ଷ କାଳ ପୁଷ୍ଟ ହୋଇଛି ସେହି ମାତୃସମ ଅନୁଷ୍ଠାନର ସ୍ମୃତିରେ ।

Digitized by srujanika@gmail.com

ପ୍ରେମାସ୍ପଦା

Digitized by srujanika@gmail.com

ସୁରେନକୁ ଚିଠି ଲେଖିସାରି ବିଜୟ ଚୁପ୍ ହୋଇ କିଛି ସମୟ ବସି ରହିଲା । ସତେ ଯେପରି କିଛି ପରିଶ୍ରମ କାମ କରି ସାରି ସେ ଦଣ୍ଡେ ଦମ୍ ନେବାକୁ ବସିଛି । ଆଜି ସକାଳୁ ବିଛଣାରୁ ନ ଉଠି ସେ ଯେ ହଠାତ୍ ସୁରେନ୍‌କୁ ଏ ଦୀର୍ଘ ଚିଠିଟା ଲେଖିଦେବ ଅତ୍ୟନ୍ତ ଏ କଥା ସେ କାଲି ରାତିରେ ଭାବି ନ ଥିଲା ।

ତେବେ କାଲି ସଂଧ୍ୟା ବେଳଠାରୁ ତା ମନଟା ବଡ ତରଳ ଅବସ୍ଥାରେ ଥିଲା । ସୁଚରିତାକୁ ଭୁଲିବା ଏତେ ସହଜ ନୁହେଁ, ଓ କେବେହେଲେ ସୁଚରିତାକୁ ସେ ଭୁଲିନାହିଁ । କିନ୍ତୁ ସୁଚରିତା ସହିତ କଥାବାର୍ତ୍ତା, ମାନ ଅଭିମାନ ସବୁ ସେ କେବଳ ତା ମନର ନିଛାଟିଆ, ଘରୋଇ ପରିବେଶରେ । ଅନ୍ତତଃ ସୁଚରିତା ବିଭାହେବା ପରଠାରୁ ତା ସହିତ ମୁହାଁମୁହିଁ ଦେଖାହେବାର ସୁବିଧା କେବେ ଘଟି ନାହିଁ । ତେଣୁ ଯେ ଦିନେ ଅତି ଆପଣାର ଥିଲା, ଯାହାକୁ ଆଖି ପୂରେଇ ଦେଖି ହେଉଥିଲା, ଯାହାକୁ ହାତ ବଢେଇ ଛୁଇଁ ହେଉଥିଲା, ଯାହା ମୁହଁକୁ ଟେକି ଧରି ଓଠରେ ଓଠକୁ ଲଗେଇ ଆତ୍ମସ୍ଥ ହୋଇ ବସିବାକୁ ସୁଯୋଗ ମିଳୁଥିଲା ସେ ଯେତେବେଳେ ଦୂରକୁ ଚାଲିଗଲା, ସେହି ଦେହଟା ଯେତେବେଳେ ବାମ୍ପ ହୋଇ ଶୂନ୍ୟରେ ମିଶିଗଲା, ଯାହା ରହିଲା ସେ କେବଳ ସେହି ସୂକ୍ଷ୍ମ, ଅଶରୀରୀ ଆତ୍ମାଟା ଯାହାକି ଶେଷକୁ ବିଜୟର ମନର ସରୁ ସରୁ ଜାଲରେ ଛନ୍ଦି ହୋଇ ରହିଗଲା ।

କାଲି ସଂଧ୍ୟାରେ ସୁଚରିତାକୁ ଦେଖିବା ସେହିଯୋଗୁ ଅପ୍ରତ୍ୟାଶିତ, ବିଜୟ ପ୍ରସ୍ତୁତ ନ ଥିଲା । ଯାହା ମନର ତା ମନର, ବିଜୟ ବହୁବାର ମନର ଫଡୁଆ ଟେକି ସେହି କଳାଭଅଁର ଆଖିକୁ ଲକ୍ଷ୍ୟ କରିଛି । ଏ ପ୍ରାୟ ଅଭ୍ୟାସରେ ପଡିଯାଇଥିଲା, ମନର ଗୋପନୀୟତାରେ ଗୋଟିଏ ଲାଜକୁଳୀ ବୋହୂ ପରି ସୁଚରିତା, ତେଣୁ କାଲିର ସେ ଦେଖା ଆକସ୍ମିକ, ଓ ବିସ୍ୱାଦଜନକ ବି । ଦୂରରୁ ସେ ଦେଖିଲା । ପ୍ରଥମେ ସନ୍ଦେହ ହେଲା ସେ କି ? କିନ୍ତୁ ସନ୍ଦେହ ଅମୂଳକ । ନିଜକୁ ଚିହ୍ନିବା ପାଇଁ କଅଣ ଯୁକ୍ତିତର୍କର ଦରକାର ହୁଏ ?

ସେହି ରାସ୍ତା ଉପରେ ସୁଚରିତାକୁ ଚାହିଁ ଚାହିଁ ବିଜୟ ଏକ ପ୍ରକାଣ୍ଡ ଘୂର୍ଣ୍ଣିର ତାଡନା ଅନୁଭବ କଲା । ସୁଚରିତା ସହିତ କିଏ ଥିଲା ? ସେ ଏଆଡେ ସିଆଡେ ଚାହୁଁଥିଲା, ହସି ହସି କଥା କହୁଥିଲା । ସେ ବିଜୟକୁ ଦେଖିଛି କି ନାହିଁ ବିଜୟ ଜାଣେନା । କିନ୍ତୁ ବିଜୟ ଆଖିରୁ ସବୁ

Digitized by srujanika@gmail.com

କିଛି ଲୋପ ପାଇଗଲା । ତାର କାନ ପାଖରେ ଭ୍ରମରର ଗୁଞ୍ଜନ, ତା ମୁଣ୍ଡ ଭିତରେ ନଈକୂଳ ପବନର ଉଚ୍ଛ୍ୱସିତ ଡାକ ଓ ତାର ସମଗ୍ର ସତ୍ତା ଗୋଟିଏ ସ୍ଥିର ବିନ୍ଦୁରେ ଦ୍ରୁତ ଗତିଶୀଳ ହୃତପିଣ୍ଡରେ ସ୍ଥିର ହୋଇ ରହିଗଲା ।

ବିଜୟର ମନେହେଲା ସେ ଖୁବ୍ ପାଟି କରି ଡାକୁଛି ସୁ....ସୁ । ତାର ମନେହେଲା ସେ ଚାରିପାଖର ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ଯାଇଁ ସୁଚରିତାର ହାତ ଧରୁଛି । ଠିକ୍ ଆଗ ପରି ସୁଚରିତାର ପାଞ୍ଚ ଆଙ୍ଗୁଠିରେ ତାର ଆଙ୍ଗୁଠି ଛନ୍ଦି ହୋଇଗଲାଣି । ଠିକ୍ ଆଗପରି ସୁଚରିତା ଆସ୍ତେ ଆସ୍ତେ ତା ବୁଢା ଆଙ୍ଗୁଠିରେ ବିଜୟର ଆଙ୍ଗୁଠିକୁ ଚିପୁଛି । ବିଜୟ ଫିସ୍ ଫିସ୍ କରି କହୁଛି ସୁ....ସୁ ।

ସୁଚରିତା ହସୁଥିଲା । ପ୍ରଥମେ ଆସ୍ତେ ଆସ୍ତେ ପରେ ଜୋରରେ ଜୋରରେ । ବିଜୟର ମନେହେଲା ସୁଚରିତା ହସରେ ଫାଟି ପଡୁଛି । ତାର ଲମ୍ବା ଚିକ୍କଣ ଆଙ୍ଗୁଠିଗୁଡିକ ଖୁବ୍ ଥଣ୍ଡା ମନେ ହେଉଛି । ନିଶା ଛାଡିଲା ପରି ବିଜୟ ଚାହିଁଦେଖେ ଯେ ସେ ଶୂନ୍ୟକୁ ଚାହିଁ ରହିଛି । ଚାରିପାଖରେ ଅଜଣା ଅଚିହ୍ନା ଲୋକଙ୍କ ଭିଡ ।

ସୁଚରିତା ଚାଲିଯାଇଥିଲା, ବିଜୟ ବି ଆଗେଇଲା । କିନ୍ତୁ ତା ମନ ସ୍ଥିର ନ ଥାଏ । ଚାରିପାଖର ଲୋକଙ୍କୁ ସେ ଦେଖି ବି ଦେଖୁ ନ ଥାଏ । ଲୋକମାନେ ଯେପରି ଅସୁମାରି ଛାଇର ତରଙ୍ଗ, ଆଉ ସେ ଛାଇର ଅଶରୀରତାରେ ସେ ନିଜେ ଭରା ଦେଇ ଭାସି ଭାସି ଚାଲିଛି ।

ସୁଚରିତା ଚିନ୍ତାରେ ସେ ସବୁବେଳେ ବ୍ୟସ୍ତ ବିଚଳିତ ହୋଇଛି । କିନ୍ତୁ ଗତ ସଂଧ୍ୟାରେ ତାର ଭାବ ଯାହା ହେଲା କେବଳ ବ୍ୟସ୍ତ ବିଚଳିତ ଦ୍ୱାରା ତାହା ପ୍ରକାଶ ପାଇବ ନାହିଁ । ଚାରିପାଖରେ ଯଥେଷ୍ଟ ଆଲୋକ । କିନ୍ତୁ ସୁଚରିତାର ଶତସୂର୍ଯ୍ୟର ଆଲୋକରେ ସବୁ ଆଲୋକ ନିଃଷ୍ପ୍ରଭ ହେଲା, ଓ ନିଜେ ଅନ୍ଧ ପରି ଅଣ୍ଡାଳି ଅଣ୍ଡାଳି ସେ ଅନ୍ଧକାରକୁ ଅତିକ୍ରମ କରି ଯେତେବେଳେ ବାହାରକୁ ଆସିଲା ସେତେବେଳେ ଖାଲି ଘୋର ଶୂନ୍ୟତା ଓ ଘୋର ବିଷ୍ୱାଦ ।

ଅଥଚ ଏହିପରି ଏକ ପରିସ୍ଥିତି ପାଇଁ ସେ ଯେ ଠିକ୍ ଅପ୍ରସ୍ତୁତ ଥିଲା ତା ନୁହେଁ । ଗତ ବର୍ଷ ଏହି ସମୟରେ ସୁଚରିତାର ବିଭାଘର ହେଲା । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସେ ମନେ ମନେ ବହୁବାର ସୁଚରିତା ସହିତ ହଠାତ୍ ଦେଖା ହେଲେ ସେ କଅଣ କହିବ ତାର ଖସଡା ତିଆରି କରିଛି । ନିଜର ପ୍ରଶ୍ନ ସୁଚରିତାର ଉତ୍ତର, ବା ସୁଚରିତାର ପ୍ରଶ୍ନ ତାର ଉତ୍ତର, ଉଭୟଙ୍କର ରାଗ, ଅଭିମାନ, କ୍ରୋଧ, ମିଳନ ସେ ସବୁକୁ ଏକାଠି କଲେ ଠିକ୍ ଉପନ୍ୟାସ ପରି ମନେହେବ ।

ନିଜର ନିର୍ଜନ ଅବସରର ମୁହୂର୍ତ୍ତରେ ପେସେନ୍ସ ଖେଳିଲା ପରି ବା ଚେସ୍‌ର କିସ୍ତି ଖେଳିଲା ପରି ନିଜକୁ ସୁଚରିତା ସହିତ ଜଡିତ କରି ଏସବୁ ଚିନ୍ତା ବେଶ ଉପଭୋଗ କରି ହେଉଥିଲା ।

Digitized by srujanika@gmail.com

ଏକ ସମୟରେ ଯେତେବେଳେ ସୁଚରିତାର ଦେହଟା ହାତ ପାହାନ୍ତାରେ ଥିଲା, ଓ ସେହି ଦେହଟାକୁ ଘେନି ମନଇଚ୍ଛା ଖେଳ ଖେଳିବାର ସୁଯୋଗ ଥିଲା, ସେ ସମୟରେ ଏ ମନର ଜାଲ ବୁଣି ବୁଣି ଯେଉଁ ଖେଳ, ସେଥିପ୍ରତି ବିଜୟର ଆଗ୍ରହ ବା ସୁଯୋଗ ନ ଥିଲା । ସୁଚରିତା ଗଲାପରେ ନିଜର ଲାଳରେ ବିଜୟ ବହୁ ବାର ଲାଖିଯାଇଛି, ନିଜର ଜାଲରେ ଛନ୍ଦି ହୋଇ ଯାଇଛି ।

ସୁଚରିତାର ବିଭାଘର ସମୟରେ ସେ କଟକରେ ନ ଥିଲା । ବିଭାଘରର ଅଳ୍ପଦିନ ପରେ ସେ କଟକ ଫେରିଲା ଓ ପ୍ରାୟ ସେହି ସମୟରେ ସେ ସୁଚରିତାଠାରୁ ବିବାହ ପରର ପ୍ରଥମ ଚିଠି ପାଇଲା ।

ଛୋଟ ଚିଠି, ସୁଚରିତା ତାକୁ ତା ନୂଆ ଘରକୁ ଯିବାପାଇଁ ନିମନ୍ତ୍ରଣ କରିଛି, ଓ ତା ସହିତ ଲେଖିଛି ଯାହା ଆମ ଉଭୟଙ୍କର ଘର ହୋଇଥାନ୍ତା, ସେ ବର୍ତ୍ତମାନ କେବଳ ମୋର, ଭାଗ୍ୟର ଏ କ୍ରୁର ପରିହାସ ତୁମେ ବେଶ ଉପଭୋଗ କରୁଥିବ ନୁହେଁ, ଓ ତା ସହିତ ପଚାରିଛି ଧର ଆଜି ଯଦି ତୁମ ପାଖକୁ ମୁଁ ହଠାତ୍ ଫେରିଯାଏ, ତୁମ ବିଛଣାରେ ଆଗପରି ଶୋଇ ତୁମ ଆଖିକୁ ବୁଜି ଧରେ, ବା ତୁମ ଡାଇରୀରେ ତୁମର ସେହି ପରିଷ୍କାର ଲେଖା ଉପରେ ବିକୃତ ବିକୃତ ଛବି ଆଙ୍କେ ତୁମେ ଠିକ୍ ଆଗପରି ନେବ ତ ।

ବିଜୟ ଉତ୍ତରରେ ତା ଜୀବନର ସଂକ୍ଷିପ୍ତତମ ଚିଠି ଲେଖିଥିଲା । ତୁ ହଠାତ୍ କେବେ ଆସିବୁ ସେହି ଦିନକୁ ଅପେକ୍ଷା କରି ରହିଲି ।

ତା ପରେ ପୁଣି ଚିଠି, ପୁଣି ଚିଠି, ପୁଣି ଚିଠି । ସେମିତି ଛୋଟ ଛୋଟ, ଛୋଟ ଛୋଟ ଅନୁରୋଧ ଓ ଆବଦାରରେ ପୂର୍ଣ୍ଣ । ଧର ଆମେ ଗୋଟା ରାତି ସେମିତି ବସି ବସି ଗପସପ କରି କଟେଇ ଦବା । ଧର ଆମେ ଗୋଟା ଦିନ ନ ଖାଇ ନ ପିଇ କେହି କାହାକୁ କଥା ନ କହି ରହିଯିବା । ଏମିତି ଅନେକ ଅନେକ ।

ଅନେକ ସମୟରେ ବିଜୟ ଉତ୍ତର ଦେଇଛି, ଅନେକ ସମୟରେ ଉତ୍ତର ଆଦୌ ଦେଇନାହିଁ । କିନ୍ତୁ ସବୁ ସମୟରେ ନିଜର ଅଲକ୍ଷ୍ୟରେ ସେ ସେହି ଅଲଭ୍ୟ ବ୍ରାହ୍ମ ମୁହୂର୍ତ୍ତର ଆକସ୍ମିକ ଆଲୋକକୁ ଅପେକ୍ଷା କରି ରହିଛି ।

ସୁଚରିତାକୁ ଅପେକ୍ଷା କରି ରହିବା ପ୍ରାୟ ବିଜୟର ଅଭ୍ୟାସରେ ପଡିଗଲାଣି ସେ ତା ଡାଇରିରେ ବାରମ୍ବାର ସୁଚରିତା କଥା ଲେଖେ । ସୁଚରିତାର ବିଭାଘର ପୂର୍ବରୁ ସେ କେତେବେଳେ କେମିତି ତା କଥା ଲେଖୁଥିଲା । ବିଜୟର ଏହି ଲେଖାକୁ ଘେନି ବଂଧୁମାନେ

Digitized by srujanika@gmail.com

ସମୟେ ସମୟେ ଥଟ୍ଟା କରନ୍ତି । ଏପରିକି ସୁଚରିତା ନିଜେ ହଠାତ୍ ଦେଖି ପକେଇଲେ ଥଟ୍ଟା କରିବାକୁ ଛାଡେ ନା । ସବୁ ସତ୍ତ୍ୱେ ଅତି ବିଶ୍ୱସ୍ତ ଭାବରେ ବିଜୟ ଯେତେବେଳେ ଯାହା ଭାବିଛି ଲେଖିଛି ।

କିନ୍ତୁ ସୁଚରିତାର ବିଭାଘର ପରେ ବିଜୟର ଏହି ଲେଖା ଅଭ୍ୟାସ ଖୁବ୍ ବଢିଯାଇଛି ଯେପରି । କଲେଜ ଯାଉଁ ଯାଉଁ, କଲେଜରେ ପଢଉ ପଢଉ, ବା କଲେଜ ପରେ କଫି ହାଉସ୍‌ରେ ବସି କଫି ପିଉ ପିଉ, ଅକସ୍ମାତ ଅଚାନକ ଭାବରେ ସେ ସୁଚରିତା କଥା ଚିନ୍ତା କରିଛି ଓ ପରେ ଚୁପଚାପ ତା ପଢାଘରର ନିର୍ଜନତାରେ ସେ ତା ଡାଇରିରେ ପୃଷ୍ଠା ପରେ ପୃଷ୍ଠା ସୁଚରିତା ସଂପର୍କରେ ନାନା କଥା ଲେଖି ଯାଇଛି । ଯେତେବେଳେ କିଛି କରିବାକୁ ନାହିଁ, ଦେହ କ୍ଳାନ୍ତ ବା ଆଳସ୍ୟ ଲାଳାୟିତ, ଓ ମନ ନିର୍ଲିପ୍ତ, ନିରାଲମ୍ବ, ସେହିପରି ସମୟରେ ସେ ଡାଇରିର ପୁରୁଣା ଲେଖାସବୁ ଓଲଟେଇ ଓଲଟେଇ ପଢେ, ବା ସୁଚରିତାର ଅସଂଖ୍ୟ ଚିଠିରୁ ବାଛି ପାକୁଳେଇ ପାକୁଳେଇ ପୁରୁଣା କଥାସବୁ ନୂଆ କରି ବୁଝିବାକୁ ଚେଷ୍ଟା କରେ । ସୁଚରିତାର ଚିଠିର ସ୍ୱର ଫିସ୍ ଫିସ୍, ଠିକ୍ କାନ ପାଖରେ କଥା କହିଲା ପରି, କେତେବେଳେ ଧୀର, କେତେବେଳେ ଦ୍ରୁତ ଓ ଅଧିକାଂଶ ସମୟରେ ଦେହରେ ଲହୁଣୀ ବୋଳିଲା ପରି ଲାଗେ । ସୁଚରିତାର ଚିଠି ପଢିବା ସମୟରେ ମନେ ହେବନି ଯେ ସେ ବିବାହିତା, ତାର ସ୍ୱାମୀ ଅଛି, ମନେହେବ ସେ ଯାହା ପାଖକୁ ଚିଠି ଲେଖିଛି ସେହିହିଁ ତାର ଏକମାତ୍ର ପ୍ରେମାସ୍ପଦ ପୁରୁଷ, ଚିଠି ସାରା ଉଦ୍‌ବେଗ, ଉତ୍କଣ୍ଠା, ଆନନ୍ଦ, ପ୍ରେମର ପ୍ଳାବନ ।

କାଲି ସୁଚରିତାକୁ ହଠାତ୍ ଦେଖିଲା ପରେ, ଯେତେବେଳେ ମନ ଅସ୍ଥିର ଓ ଚଞ୍ଚଳ, ଦେହସାରା ଅସୀମ କ୍ଳାନ୍ତି ଓ ବେଦନା, ବିଜୟ ସିଧା ସିଧା ଘରକୁ ନ ଫେରି ସେହି ଆଲୋକିତ ଜନଗହଳି ରାସ୍ତାରେ ବହୁ ସମୟ ଉଦ୍ଦେଶ୍ୟହୀନ ଭାବରେ ଏପାଖ ସେପାଖ ହେଲା । ପରେ ସେ ଯେତେବେଳେ ଘରକୁ ଫେରିଲା ସେତେବେଳକୁ ବେଶ୍ ରାତି । ସାହି ରାସ୍ତା ନିଶୂନ, ପାଖ ପଡୋଶୀ ଘରସବୁ ଚୁପଚାପ ଓ କୋଠା ଛାଇରେ ଛାଇରେ ମଇଳା ଜହ୍ନ ଆଲୁଅ । କବାଟ ଖୋଲି ଚାକରଟା ପ୍ରଥମେ କହିଲା, ଆଜ୍ଞା ଆପଣଙ୍କୁ ଜଣେ କିଏ ବାବୁ ଓ ଜଣେ ଝିଅ ଆସି ଖୋଜୁଥିଲେ । ବିଜୟର ମନେହେଲା ହଠାତ୍ ତାର ହୃତ୍‌ପିଣ୍ଡ ବେଙ୍ଗ ପରି ଗୋଟାଏ ରଡି ଦେଇ ଫକ୍ କିନା ବାହାରକୁ ଡେଇଁ ପଡିଲା । କିଏ, କିଏ, କଅଣ ତାଙ୍କ ନା ? ସେ ପ୍ରାୟ ଚିତ୍କାର କରି ଉଠିଲା । କିଏ ମୁଁ ଜାଣିନି । ଚାକର କହିଲା । ତାଙ୍କୁ ବି ଏଠି କେବେ ମୁଁ ଦେଖିନି । ନାଁ ପଚାରିଲି କହିଲେ ସେମାନେ ପୁଣି ଆସିବେ । ଆପଣଙ୍କ କୌଣସି କଲେଜ ସାଙ୍ଗ ବୋଧେ । ବିଜୟ ନିଃଶବ୍ଦରେ ଘର ଭିତରକୁ ଆସିଲା ଓ ମୁଁ କିଛି ଖାଇବି ନାହିଁ ବୋଲି ସଂକ୍ଷେପରେ ଚାକରକୁ ଜଣେଇ ଦେଇ ନିଜ ଶୋଇବା ଘରକୁ ଉଠିଗଲା ।

Digitized by srujanika@gmail.com

ଏଇତ ମାତ୍ର ଦଶଦିନ ଆଗରୁ ସେ ସୁଚରିତାର ଚିଠି ପାଇଛି । ଚିଠି ବି ଖୁବ୍ ଛୋଟ ନୁହେଁ । କାହିଁ ଚିଠିରେ ତ ସେ ଆସିବା କଥା କେଉଁଠି ନ ଥିଲା । ତେବେ ସୁଚରିତାର ଚିଠିରେ ପ୍ରାୟ ଏହି ପ୍ରାତ୍ୟହିକ ସାଂସାରିକ ଜୀବନର ଖୁବ୍ ବେଶି ପରିଚୟ ନ ଥାଏ । ପ୍ରାୟ ଅଧିକାଂଶ ସମୟରେ ଏକ ଅଦ୍ଭୁତ, ଅଦ୍ୱିତୀୟ ମାନସିକ ଜୀବନର ଅବସ୍ଥିତି । ତେଣୁ ସେ ଯେ ନିକଟରେ କଟକ ଆସିବ ଏକଥା ତା ଚିଠିରେ ହୁଏତ ନ ରହିବା ସ୍ୱାଭାବିକ । ତଥାପି ବିଜୟର ମନେହେଲା ଏହି ଛୋଟ ଖବରଟା ଥିଲେ ବୋଧହୁଏ ଭଲ ହୋଇଥାନ୍ତା । ରାତିରେ ତାକୁ ଖୋଜିବାକୁ କିଏ ଆସିଥିଲେ ବିଜୟ ଅନୁମାନ କରି ପାରିଲା ନାହିଁ । ବର୍ତ୍ତମାନ ବି ସେ ଠିକ୍ ଭାବି ପାରୁ ନାହିଁ ସେମାନେ କିଏ । କାଲି ରାତିରେ ତ ଫେରିବାକୁ ବେଶ୍ ଡେରି ହେଲା । ସେତେ ରାତିରେ ଆଉ ଖାଇବାକୁ ଇଚ୍ଛା ନ ଥିଲା । ଲୁଗାପଟା ବଦଳି ସେ ଲମ୍ବା ହୋଇ ବିଛଣା ଉପରେ ଶୋଇ ପଡ଼ିଲା ।

ଘରର ଝରକା ସବୁ ମେଲା ଥିଲା, ଓ ତା ଚାରିପାଖରେ ସେପ୍ଟେମ୍ବର ରାତିର ସୂକ୍ଷ୍ମ ଶୀତଳ ପ୍ରଲେପ । ଅନେକ ସମୟ ଧରି ସେ ବିଛଣାରେ କେବଳ ଏପାଖ ସେପାଖ ହେଲା, ଓ ଶେଷକୁ ଯେତେବେଳେ ତାକୁ ନିଦ ଆସିଲା ସେତେବେଳକୁ ବାହାରେ ଜହ୍ନ ବୁଡ଼ିବା ଉପରେ, ଓ ସେ ନିଦ ବି ଅସ୍ଥିର, ଚଂଚଳ । କାଲି ବାଲୁବଜାରର ଗହଳି ଭିତରେ ସୁଚରିତାକୁ ଦେଖୁ ଦେଖୁ ସେ ଚାଲିଗଲା । କିଂତୁ ବିଜୟ ଚେଷ୍ଟା କରିଥିଲେ ହୁଏତ ତାକୁ ଧରି ପାରିଥାନ୍ତା । ବା ପରେ ଇଚ୍ଛା କରିଥିଲେ ସେ ଦେବବ୍ରତ ବାବୁଙ୍କ ଘରକୁ ଯାଇଁ ଅନ୍ତତଃ ସୁଚରିତାର ସନ୍ଧାନ କରି ପାରିଥାନ୍ତା । ବିଜୟ ସେସବୁ କିଛି କଲା ନାହିଁ । ହୁଏତ ସଂକୋଚ, ହୁଏତ ଭୟ, ହୁଏତ ଏକ ଗଭୀର ନିଃସ୍ପୃହତା । କିନ୍ତୁ ସୁଚରିତା ପାଇଁ ଯେ ସେ କାଲି ସଂଧ୍ୟାଠାରୁ ବିବ୍ରତ, ବିଚଳିତ ଏକଥା ସତ । ତାର ଚେତନାର ଗୋପନତମ କୋଷରେ ସୁଚରିତା ଚିନ୍ତା ବିନ୍ଦୁ ବିନ୍ଦୁ ହୋଇ ସଂଚିତ ହୋଇ ଉଠିଛି, ଓ କାଲି ରାତିସାରା ଓ ଆଜିବି ଏକ ଅଦୃଶ୍ୟପ୍ରାୟ ଶତଦଳର ଆଘ୍ରାଣରେ ତାର ସମଗ୍ର ସତ୍ତା ପୂର୍ଣ୍ଣ ।

ବିଜୟ ଚୁପହୋଇ ବସି ରହି ଆସ୍ତେ ଆସ୍ତେ ନିଃଶ୍ୱାସ ନେଲା । ତାର ଏହି ପ୍ରଶସ୍ତ ଘରସାରା ସୁଚରିତାର ଆଘ୍ରାଣ ପରିବ୍ୟାପ୍ତ । ଥରେ ଅଧେ ନୁହେଁ, ବହୁବାର, ବହୁବାର ସେ ଆସିଛି, ଯାଇଛି । ଏହି ଘରେ ରହିଛି ବି । କଲେଜ ଯିବା ଆଗରୁ, କଲେଜ ପରେ, ସଂଧ୍ୟାରେ, ଛୁଟିଦିନରେ, ଯେତେବେଳେ ସେ ସମୟ ପାଇଛି ବା ଯେତେବେଳେ ସେ ଇଚ୍ଛା କରିଛି ଆସିଛି । ଏହି ଘରର ଅଧିକାଂଶ ବହି ତାରି କିଣା । ସବୁ ପେଣ୍ଟିଂ ସେହିଁ ଆଣିଛି । ଏ ଘରର ପର୍ଦ୍ଦା, ସାଜସଜ୍ଜା ସବୁ ତାରି ହାତରେ । ହେଇଟି ସେ ଟେବୁଲ ପାଖରେ ବସି ସେ ତାର ବନ୍ଧୁମାନଙ୍କୁ ଚିଠି ଲେଖିଛି, ସେ ବିଛଣା ଉପରେ ଶୋଇ ରହି ଉପନ୍ୟାସ

Digitized by srujanika@gmail.com